**ଭାରତର ପ୍ରଧାନମନ୍ତ୍ରୀଙ୍କୁ ନାମିବିଆର ସର୍ବୋଚ୍ଚ ନାଗରିକ ପୁରସ୍କାର (ଜୁଲାଇ 09, 2025) ପ୍ରଦାନ**

ଜୁଲାଇ 09, 2025

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନାମିବିଆକୁ ରାଜକୀୟ ଗସ୍ତ କରିଛନ୍ତି। ଏହି ଅବସରରେ, ନାମିବିଆର ରାଷ୍ଟ୍ରପତି ମହାମହିମ ନେଟୁମ୍ବୋ ନନ୍ଦୀ-ନଦୈତୱା ଭାରତର ପ୍ରଧାନମନ୍ତ୍ରୀଙ୍କୁ ନାମିବିଆର ସର୍ବୋଚ୍ଚ ନାଗରିକ ପୁରସ୍କାର - ଅର୍ଡର ଅଫ୍ ଦ ମୋଷ୍ଟ ଆନସିଏଣ୍ଟ ୱେଲୱିଟ୍‌ଚିୟା ମିରାବିଲିସ୍ ପ୍ରଦାନ କରିଥିଲେ। ସେ ଏହି ପୁରସ୍କାର ପ୍ରାପ୍ତ କରିଥିବା ପ୍ରଥମ ଭାରତୀୟ ନେତା ଅଟନ୍ତି।

2.ଏହି ପୁରସ୍କାର ଗ୍ରହଣ କରି, ପ୍ରଧାନମନ୍ତ୍ରୀ ଭାରତର 1.4 ବିଲିଅନ୍ ଜନସାଧାରଣଙ୍କ ପାଇଁ ଏବଂ ଭାରତ ଓ ନାମିବିଆ ମଧ୍ୟରେ ଐତିହାସିକ ଓ ସ୍ଥାୟୀ ସମ୍ପର୍କ ପାଇଁ ଏହି ସମ୍ମାନକୁ ସମର୍ପିତ କରିଥିଲେ। ପ୍ରଧାନମନ୍ତ୍ରୀ ଏହି ସମ୍ମାନ ପାଇଁ ରାଷ୍ଟ୍ରପତି ନନ୍ଦୀ-ନଦୈତୱା ଓ ନାମିବିଆର ଜନସାଧାରଣଙ୍କ ପ୍ରତି ହାର୍ଦ୍ଦିକ କୃତଜ୍ଞତା ପ୍ରକାଶ କରିଥିଲେ।

3. ପ୍ରଧାନମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ ଭାରତ ଓ ନାମିବିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ମାଇଲଖୁଣ୍ଟ ଅଟେ ଓ ଏହା ସ୍ୱତନ୍ତ୍ର ଦ୍ୱିପାକ୍ଷିକ ସହଭାଗିତାକୁ ଅଧିକ ଉନ୍ନତ କରିବା ପାଇଁ ଉଭୟ ଦେଶର ଯୁବପିଢ଼ିଙ୍କ ନିମନ୍ତେ ପ୍ରେରଣାର ଏକ ସ୍ରୋତ ଭାବରେ କାର୍ଯ୍ୟ କରୁଛି।

ୱିଣ୍ଡହୋକ୍

ଜୁଲାଇ 09, 2025